## କର୍କଟ ରୋଗ ଚିକିତ୍ସା କେନ୍ଦ୍ରରେ କର୍ତ୍ତୃପକ୍ଷଙ୍କ ଅବହେଳା

# ସେବିକାଙ୍କ ବିକ୍ଷୋଭ

କଟକ,୨୯।୬/ଏନ୍ଏନ୍ଏସ୍: ଆଚାର୍ଯ୍ୟ ହରିହର କର୍କଟ ରୋଗ ଚିକିତ୍ସା କେନ୍ଦ୍ରରେ ଉଚ୍ଚ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁଁ ଚିକିତ୍ସାଳୟରେ କରୋନା କାୟା ବିସ୍ତାର କରିବାରେ ଲାଗିଛି। ରବିବାର ୨ ଜଣ ସ୍ୱାସ୍ଥ୍ୟକର୍ମୀ କରୋନା ଆକ୍ରାନ୍ତ ହେବାପରେ କେନ୍ଦ୍ରର ସେବିକାଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଥିଲା। ତେଣୁ ଆଜି ସମସ୍ତ ସ୍ୱାସ୍ଥ୍ୟକର୍ମୀ ଓ ସେବିକାମାନେ ନିର୍ଦ୍ଦେଶକଙ୍କୁ ଘେରିବା ସହିତ ବିଭିନ୍ନ ଦାବି ଉପସ୍ଥାପନା କରିଥିଲେ।

ସେମାନଙ୍କ ଦାବି ଅନୁଯାୟୀ, ଯେଉଁ କର୍ମଚାରୀମାନେ ଏଠାରେ କାର୍ଯ୍ୟ କରୁଛନ୍ତି ସେମାନଙ୍କୁ ଏହାର ପରିସରରେ କ୍ୱାରେଣ୍ଟାଇନରେ ରଖାଯିବା କଥା। ସେମାନେ ସେଠାରେ ରହି ରୋଗୀ ସେବା କରିବେ। ବିଶେଷକରି ବିଭିନ୍ନ ସେବିକାମାନେ ଘର ଭଡ଼ା ନେଇ ରହୁଛନ୍ତି। କର୍କଟ କେନ୍ଦ୍ରରେ ସ୍ୱାସ୍ଥ୍ୟକର୍ମୀ ଆକ୍ରାନ୍ତ ହେବାପରେ ଘର ମାଲିକମାନଙ୍କ ମଧ୍ୟରେ ଭୟର ବାତବରଣ ଦେଖାଦେଇଛି। ଘରକୁ ପ୍ରବେଶ କରିବା ନିମନ୍ତେ ଘରମାଲିକ କୋଭିଡ ରିପୋର୍ଟ ମାଗୁଛନ୍ତି। ରିପୋର୍ଟ ଦେଖିବାପରେ ଯାଇ ଘରେ ପ୍ରବେଶ କରିବାଲାଗି ଅନୁମତି ଦେବେ ବୋଲି ସେମାନେ କହୁଛନ୍ତି। ତେବେ ଏଠାରେ ଯେଉଁମାନେ କାର୍ଯ୍ୟ କରୁଛନ୍ତି ସମସ୍ତ କର୍ମଚାରୀଙ୍କର ସ୍ୱାସ୍ଥ୍ୟଗତ ପରୀକ୍ଷା କରାଯିବାସହ କରୋନା ପରୀକ୍ଷା ବାଧ୍ୟତାମୂଳକ କରାଯାଉ ବୋଲି ଆଜି ସେବିକାମାନେ ଦାବି କରିଥିଲେ। ସେହିଭଳି ଯେଉଁ ପୁରୁଷ କର୍କଟ ବିଭାଗରେ ରୋଗୀ ଜଣକ ଚିହ୍ନଟ ହୋଇଥିଲେ ସେହି ସ୍ଥାନକୁ ଠିକ୍ ଭାବରେ ସାନିଟାଇଜେସନ କରାଯାଇନାହିଁ। ରୋଗୀ ଜଣକ ଆକ୍ରାନ୍ତ ହେବାପରେ ସେଠାରେ ପ୍ରଥମେ କର୍ମଚାରୀଙ୍କୁ ପରୀକ୍ଷା କରାଯିବାର ଆବଶ୍ୟକତା ଥିଲେ ମଧ୍ୟ ଉକ୍ତ ୱାର୍ଡର କାର୍ଯ୍ୟରତ କର୍ମଚାରୀଙ୍କୁ ପରୀକ୍ଷା କରାନଯାଇ ତାଙ୍କ ସ୍ଥାନରେ ଅନ୍ୟମାନଙ୍କୁ କିପରି ଡ୍ୟୁଟିରେ ନିୟୋଜିତ କରାଗଲା ସେ ସମ୍ପର୍କରେ ବିକ୍ଷୋଭରତ ସେବିକାମାନେ ପ୍ରଶ୍ନ କରିଥିଲେ। ଏସବୁ ଦାବି ନେଇ କର୍କଟରୋଗ କେନ୍ଦ୍ର ନିର୍ଦ୍ଦେଶକଙ୍କୁ ଭେଟିବା ସହିତ ଏକ ସ୍ମାରକପତ୍ର ପ୍ରଦାନ କରଥିଲେ। ନିର୍ଦ୍ଦେଶକ ସ୍ମାରକପତ୍ର ଗ୍ରହଣ କରି ଏ ସମ୍ପର୍କରେ ଏନ୍ଏଚ୍ଏମ୍ ନିର୍ଦ୍ଦେଶକଙ୍କୁ ଅବଗତ କରାଇଥିଲେ। ଏନ୍ଏଚ୍ଏମ୍ ନିର୍ଦ୍ଦେଶକ ସିଡିଏମ୍ଓଙ୍କୁ ସେବିକାଙ୍କ ଦାବି ସମ୍ପର୍କରେ ଜଣାଇବା ପରେ ସମସ୍ତ କର୍ମଚାରୀ, ରୋଗୀ, ଆଟେଣ୍ଡାଣ୍ଟ, ସୁରକ୍ଷା କର୍ମଚାରୀ ଓ ଅନ୍ୟାନ୍ୟ କର୍ମଚାରୀଙ୍କ ପରୀକ୍ଷା କରିବାଲାଗି ପଦକ୍ଷେପ ଗ୍ରହଣ କରାଯାଇଛି। କର୍କଟ ରୋଗ କେନ୍ଦ୍ରକୁ ୪ଜଣିଆ ପରୀକ୍ଷା ଟିମ୍ ପଠାଯାଇଛି। ଆଜି ଅପରାହ୍ଣରେ ଏହି ଟିମ୍ ପହଞ୍ଚି ବିଭିନ୍ନ କର୍ମଚାରୀ ଓ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଓ ସ୍ୱାବ୍ ସଂଗ୍ରହ ଆରମ୍ଭ କରିଛନ୍ତି।

